# ବିହଂଗମ



କେନ୍ଦ୍ରୀୟ ବିହାର
ତମାଣ୍ଡ , ଭୁବନେଶ୍ୱର

କେତେ ସାଧୁ, ସନ୍ଥ, ଭକ୍ତ ତାଙ୍କର ଭକ୍ତିର ଅମୃତ ବାରିଧିରେ ଶ୍ରୀକ୍ଷେତ୍ରକୁ ପ୍ଲାବିତ କରିଛନ୍ତି। ଜନଶ୍ରୁତିରେ ସେମାନଙ୍କର ଗାଥା ବଞ୍ଚି ରହିଛି ଯୁଗ ଯୁଗ ପାଇଁ । ସେହି ଚରିତ୍ର ମାନଙ୍କୁ ଯେତେ ରୋମନ୍ଥନ କରାଯାଏ ମନ ସେତେ ଭକ୍ତି ଭାବରେ ରୋମାଞ୍ଚିତ ହୁଏ । କ୍ଷଣକ ପାଇଁ ହେଉପଛେ, କୋଟି କୈବଲ୍ୟନାଥ ଭାବ ବିନୋଦିଆ କଳା ଠାକୁର ହୃଦୟରେ ବିରାଜମାନ କରନ୍ତି । ଏହି ମନରେ ଥିବା ଦୁଃଖ, ଗ୍ଲାନି, ଅଶାନ୍ତି, , କ୍ଷୋଭ କାହିଁ କେଉଁଆଡେ ଅଦୃଶ୍ୟ ହୋଇଯାଏ । ପରମ ତୃପ୍ତିରେ ଜୀବାତ୍ମା କହି ଉଠେ " ଦୁନିଆରେ ସବୁଠାରୁ ଶାନ୍ତିମୟ , ଆନନ୍ଦମୟ ,ସୌନ୍ଦର୍ଯ୍ୟମୟ ସ୍ଥାନ ହେଉଛି, ମହାପ୍ରଭୁଙ୍କର ଅଭୟ ପାଦପଦ୍ମ ।

ଶରଣ ରକ୍ଷଣ ବଳିୟାର ବାହା,
ଅଭୟ ଛନ୍ଦାପୟର ଯାହାର ସାହା,
ଏ ଭବ ସଂସାରୁ ତରିବାର ରାହା,
ସେ ଏକା ଲଭଇ ମୁକତିର ନାହା।

ଆଜକୁ ବହୁ ବର୍ଷ ତଳର କଥା। ସେହିପରି ଏକ ଚରିତ୍ର, ଗୀତା ପଣ୍ଡା । ସେ ଥିଲେ ପୁରୁଷୋତ୍ତମର ଜଣୈକ ବ୍ରାହ୍ମଣ । ମହାପ୍ରଭୁଙ୍କର ଅନନ୍ୟ ପରମ ଭକ୍ତ । ଚକାଡୋଳାଙ୍କ ଚରଣ କମଳରେ ତାଙ୍କର ଥିଲା ଅସୀମ ଶ୍ରଦ୍ଧା ଓ ଅଟଳ ବିଶ୍ୱାସ । ତାଙ୍କର ଅସଲ ନାମ ଲୁପ୍ତ ହୋଇଯାଇଥିଲା। ସର୍ବସାଧାରଣରେ ସେ ଗୀତା ପଣ୍ଡା ନାମରେ ପରିଚିତ ଥିଲେ। ସେ ପ୍ରତିଦିନ ସ୍ନାନ ସାରି ଏକ ଅଧ୍ୟାୟ ଗୀତା ପାଠ କରିବା ପରେ ହିଁ ଅନ୍ନ, ଜଳ ସ୍ପର୍ଶ କରୁଥିଲେ।

ସେହି ବର୍ଷ ଅନାବୃଷ୍ଟି ଫଳରେ ଦୁର୍ଭିକ୍ଷ (ଅକାଳ) ପଡ଼ିଥିଲା । ଖାଦ୍ୟର ଘୋର ଅଭାବ ଦେଖା ଯାଇଥାଏ। ଭିକ୍ଷାବୃତ୍ତି କରି ପାଞ୍ଚପ୍ରାଣୀ କୁଟୁମ୍ବ ପୋଷିବା କାଠିକର ପାଠ ପରି ମନେହେଉଥାଏ। ଘରଘର ବୁଲି ଭିକ୍ଷା ମାଗିଲେ ମଧ୍ୟ ଥାଳରେ ଚାଉଳ ମୁଠାଏ ପଡୁନଥାଏ । ଆଜକୁ ଦୁଇ ଦିନ ହେଲା ପଣ୍ଡାଏଙ୍କର ପିଲାମାନେ ତୋରାଣି ମୁନ୍ଦେ ପିଇ ପଡ଼ିରହିଥାନ୍ତି। ଆଜି କିନ୍ତୁ ସେତକବି ଜୁଟିଲା ନାହିଁ। ଅନାହାରରେ ପିଲାମାନେ ଶେଜରେ ପଡ଼ି ରହିଥାନ୍ତି। ପେଟ ଖାଙ୍କ ପଶିଯାଇଥାଏ।

ଦିନ ଦଶ ଘଡି ଆସି ହେଲାଣି। ପଣ୍ଡାଏ କିନ୍ତୁ ଅବିଚଳ। ସେ ପ୍ରତିଦିନ ପରି ଆଜି ମଧ୍ୟ ସ୍ନାନ ସାରି ଦାଣ୍ଡ ପିଣ୍ଡାରେ ଗୀତାପାଠ କରିବାକୁ ବସିଗଲେ। ପୋଥିକୁ ପ୍ରଣାମ କରି ଶ୍ରୀମଦଭଗବଦଗୀତା ପଢିବାକୁ ବସିଗଲେ।ମାତ୍ର ପଣ୍ଡିତିଆଣୀ ପଣ୍ଡାଙ୍କର ଏତାଦୃଶ୍ୟ ଆଚରଣ ଦେଖି ଅସହ୍ୟ ହୋଇଉଠିଲେ। ପିଲାଙ୍କର ଜରାଜିର୍ଣ୍ଣ ଶରୀର ଦେଖି ତାଙ୍କ ପ୍ରଣ କାନ୍ଦିବାକୁ ଲାଗିଲା। ସେ ଗୀତା ପଣ୍ଡାଙ୍କୁ କହିଲେ "ଘରେ ମୁଠାଏ ଦାନା ନାହିଁ, ପିଲାମାନେ ପାଣି ଟୋପାଏ ପିଇ ପଡ଼ି ରହିଛନ୍ତ, ମାତ୍ର ତୁମେ ସକାଳୁ ସକାଳୁ ପୋଥି ଧରି ବସିଗଲ। ଏ ପୋଥି କଣ ଆମ ପେଟରେ ଦାନା ଦେବ ?" ପଣ୍ଡାଏ ନିର୍ବିକାର ଚିତ୍ତରେ ବସି ଗୀତା ପାଠ କରୁଥାନ୍ତି। ସ୍ତ୍ରୀଙ୍କ କଥା ତାଙ୍କର କର୍ଣ୍ଣ ଗୋଚର ହେଲାନାହିଁ। ପଣ୍ଡିତିଆଣୀ ଅତ୍ୟନ୍ତ କ୍ରୋଧିତ ହୋଇ ପଣ୍ଡାଙ୍କ ପାଖକୁ ଯାଇ କହି ଉଠିଲେ "ଏ ହେଉଛି ତାଳପତ୍ରର ପୋଥି, ଏହାକୁ ପଢିଲେ ଆମ ଦୁଃଖ ମେଣ୍ଟିବ ନାହିଁ , କିଛି କର୍ମ କର କର୍ମ, ଯାହା ଫଳରେ ଘରେ ଚୂଲି ଜଳିବ। ପିଲାଙ୍କ ପେଟରେ ଦାନା ପଡିବ। ନହେଲେଏମିତି ଭାବରେ ଡହଳ ବିକଳ ହୋଇ ପିଲାମାନେ ମୃତ୍ୟୁ ମୁଖରେ ପଡିବେ"। ଗୀତା ପଣ୍ଡା ନିଜ ସ୍ତ୍ରୀକୁ ସାନ୍ତ୍ୱନା ଦେଇକହିଲେ "ଦେଖ ଏ ଗୀତା ପୋଥି ସାଧାରଣ ତାଳପତ୍ରର ପୋଥି ନୁହେଁ। ଏହେଉଛି ସ୍ୱୟଂ ମହାପ୍ରଭୁଙ୍କର ଶ୍ରୀମୁଖ ନିସୃତ ବାଣୀ। ଏଥିରେ ପ୍ରଭୁ କହିଛନ୍ତି, ଯେ ,ଯିଏ ନିଜକୁ ସମ୍ପୂର୍ଣ୍ଣ ଭାବରେ ତାଙ୍କଠାରେ ସମର୍ପି ଦିଏ ତାଙ୍କପ୍ରତି ଅଟଳ ବିଶ୍ୱାସ ଓ ପରମ ଭକ୍ତି ପୋଷଣ କରେ, ସେ ସତ୍ୟ ପ୍ରତିଜ୍ଞା କରୁଛନ୍ତି, ତାର ଭାର ସେ ନିଶ୍ଚିତ ରୂପେ ବହନ କରିବେ"। ପଣ୍ଡାଙ୍କ ସ୍ତ୍ରୀଙ୍କର ଧୈର୍ଯ୍ୟ ଚ୍ୟୁତି ଘଟିଥିଲା। ଆଉ କୌଣସି କଥା ସେ ଶୁଣିବା ଅବସ୍ଥାରେ ନ ଥିଲେ। ତିନିଦିନ ହେଲା ଘରେ ଯାହା ମୁଠେ ଥିଲା, ସେ ସମସ୍ତଙ୍କୁ ବାଣ୍ଟି ଦେଇ ନିଜପେଟରେ ଓଦାକନା ପକାଇ ପାଣି ବୁନ୍ଦେ ପିଇ ରହିଛନ୍ତି। କ୍ଷୁଧାର ଜ୍ୱାଳା ତାଙ୍କୁ ମଧ୍ୟ ଅଜ୍ଞାନ କରି ଦେଇଛି। ପଣ୍ଡାଙ୍କ କଥା ତାଙ୍କୁ ନିଆଁରେ ଘିଅ ଢାଳିବା ପରି ମନେ ହେଲା। ସେ କ୍ରୋଧ ବଶତଃ ଗୀତା ପୋଥିରେ ଲେଖନୀ ମୁନରେ ତିନୋଟି ଗାର କାଟି ଦେଲେ। ଏହା ଦେଖି ପଣ୍ଡାଏ ଅତିଶୟ ଦୁଃଖ ଓ କ୍ରୋଧରେ ଜର୍ଜ୍ଜରିତ ହୋଇ ନିଜର ମଥା ପିଟିପିଟି କହିଲେ "ରେ ପାପିନୀ ତୁ କଣ କଲୁ, ଗୀତାକୁ ଅବଜ୍ଞା କଲୁ"। ଏ ହେଉଛି ପ୍ରଭୁଙ୍କ ମୁଖନିସୃତ ଅମୃତବାଣୀ। ଏଥିରେ ଗାର କାଟି ଅଲକ୍ଷରେ ଏହାକୁ ମିଥ୍ୟା ବୋଲି କହିଲୁ। ଅଭିମାନ ଭରା ମନରେ ପଣ୍ଡା କବାଟ କିଳି ଶୋଇ ରହିଲେ।



ପଣ୍ଡିତିଆଣୀ ଅଜ୍ଞାନ ବଶତଃ ଏପରି କର୍ମ କରି ବହୁତ ଅନୁତାପ କରି ରୋଦନ କରିବାକୁ ଲାଗିଲେ। ଦୁଃଖ ଓ ଅଭିମାନରେ ପରିବେଶ ଗମ୍ଭୀର ହୋଇ ଉଠିଲା।
ମାତ୍ର ଭାବ ବିନୋଦିଆ କଳା ଠାକୁରଙ୍କ ରଙ୍ଗିମା ଅଧରରେ ମନଲୋଭା ହାସ୍ୟରେଖା ଲାଖି ରହିଥିଲା । ସେ ଆଉ ସ୍ଥିର ହୋଇରହିପାରିଲେ ନାହିଁ ଭକ୍ତର ଦୁଃଖ , ଅଭିମାନରେ ସେ ଦ୍ରବୀଭୂତ ହୋଇଉଠିଲେ। ଭକ୍ତର ଦୁଃଖର ଭାର ସେ ଗ୍ରହଣକଲେ। ଗୋପାଳ ବାଳକ ବେଶରେ ନିଜକୁ ସଜାଇ ,ଭାର ବୋହି ବାହାରି ପଡିଲେ ପଣ୍ଡାଙ୍କ ଘରକୁ। ଦାଣ୍ଡ ଦୁଆରେ ପହଁଞ୍ଚି ଡାକଦେଲେ, "ଗୋସାଇଁ ଘରେ ଅଛନ୍ତି"। ପଣ୍ଡାଙ୍କ ସ୍ତ୍ରୀ ସେହି ସମୟରେ ନିଜର ଅପକର୍ମକୁ ବସି ବାହୁନୁ ଥିଲେ। ବାଳକର ଡାକରେ ସେ ତଟସ୍ଥ ହେଲେ। ଘରୁ ବାହାରି ଦେଖିଲେ, କଳା ମୁଚୁମୁଚୁ ସୁନ୍ଦର କିଶୋର ଟିଏ ଭାର ଧରି ଠିଆ ହୋଇଛି। ପିଲାଟିକୁ ସେ ଅପଲକ ନୟନରେ ଚାହିଁ ରହିଲେ। ମଥାରେ କୁଞ୍ଚିତ ଘନ କେଶ ରାଶି।ବିସ୍ତାରିତ କପୋଳ ନୀଳ ଇନ୍ଦୀବରକୁ ଜିଣି ନେତ୍ର ଯୁଗଳ, ତୀକ୍ଷଣ ନାସିକା , ସରୁ ରଙ୍ଗିମା ଅଧର, ସୁଢଳ ଶରୀର ଯେ କେହିବି ମୋହିତ ହୋଇଯିବ ସେହିରୂପ ଦର୍ଶନରେ । ଚକ୍ଷୁ ଯୁଗଳରେ ପୁଣି ଏତେ ଉଜ୍ଜଳତା ,ସେ କଳା ରଙ୍ଗରେ ପୁଣି ଏତେ କମନୀଯତାଭରି ରହିଛି। କିଛି କ୍ଷଣ ପାଇଁ ସ୍ଥାଣୁ ପାଲଟିଗଲେ ପଣ୍ଡିତିଆଣୀ। ପିଲାଟିର ଡାକରେ ଧ୍ୟାନ ଭାଙ୍ଗିଲା ତାଙ୍କର। କେତେ କମନୀୟ ରୂପ ,ପଣ୍ଡିତିଆଣୀ କହିଲେ "କାହାକୁ ଖୋଜୁଛ"?

ପିଲାଟି କହିଲା "ଏଇଟାକଣ ଗୀତା ପଣ୍ଡା ଗୋସାଇଁଙ୍କର ଘର"। ପଣ୍ଡାଙ୍କ ପତ୍ନି ହଁ ଭରିଲେ। ପୁଣି ବାଳକ କହିଲା ମୋର ସାଆନ୍ତ ହେଉଛନ୍ତି ଗୋସେଇଁଙ୍କର ବାଲ୍ୟ ବନ୍ଧୁ, ଏହି ଅକାଳ ସମୟରେ ତାଙ୍କର ଗୋସାଇଁଙ୍କର କଥା ମନେ ପଡିବାରୁ, ତାଙ୍କପରିବାରପାଇଁ କିଛି ଖାଦ୍ୟ ସାମଗ୍ରୀପଠାଇଛନ୍ତି। ଏହା ଦେଖି ପଣ୍ଡିତିଆଣୀଙ୍କର ଆନନ୍ଦର ସୀମା ରହିଲାନି। ସେ ନିଜ ସ୍ୱାମୀଙ୍କୁ ଡାକିବା ପାଇଁ ଗୃହ ମଧ୍ୟକୁ ଯିବାକୁ ଉଦ୍ୟତ ହେବାରୁ, ବାଳକଟି କହିଲା ମୋର ସିଆଡେ ବହୁତକାମ। ମୋ ସାଆନ୍ତଙ୍କର ପ୍ରତିଟି କାର୍ଯ୍ୟ ମୁଁ ତଦାରଖ କରେ। ବେଳ ଉଚ୍ଛୁର ହେଲାଣି , ଏହି ଭାର ସବୁକୁ ଘରେ ରଖି ମୋତେ ବିଦାୟ ଦିଅ। ପଣ୍ଡାଏ ତ କବାଟ କିଳି ଶୋଇଥିଲେ ତେଣୁ ତାଙ୍କ ପତ୍ନି ଖାଦ୍ୟ ସାମଗ୍ରୀକୁ ଯଥା ସ୍ଥାନରେ ରଖିଲାରୁ ପୁରାଘର ଭରି ଗଲା। ସରୁ ଅରୁଆ ଚାଉଳ, ମୁଗଜାଇ, ଘୃତ, ଦଧି, କ୍ଷୀର , ଖଣ୍ଡ ଛେନା ନାନା କିସମର ପନିପରିବାରେ ଘର ପୁରି ଉଠିଲା। ପଣ୍ଡିତିଆଣୀ ଆମ୍ଭ ବିଭୋର ହୋଇ ସ୍ୱାମୀଙ୍କର ବାଲ୍ୟବନ୍ଧୁଙ୍କ ପ୍ରତି ବରମ୍ବାର ସଜଳ ପ୍ରଣାମ ଜଣାଇଲେ ଓ ପିଲାଟିକୁ ପଚାରିଲେ ପୁଅ ତୋ ନାଁ କଣ। ପିଲାଟି ଉତ୍ତରଦେଲା 'ଗୋପାଳ'। ସେ ପୁଣି କହିଲେ "ଏତେବଡ ମୁଣ୍ଡ ଫଟା ଖରାରେ ତୋର ଏ କୋମଳ ପିଲା ଦେହରେ, ଏତେ ଭାର ବୋହି ଆସିଛୁ, ଅଳ୍ପକ୍ଷଣ ଅପେକ୍ଷା କର ମୁଁ କିଛି ରାନ୍ଧି ଦେଉଛି ଖାଇକି ଯିବୁ।" ପିଲାଟି କହିଲା ...

"ଜିହ୍ୱା ଆମ୍ଭର ଯାଇଛି କଟି
ଖାଇ ନ ଯୋଗଇ, ମାଗୋ ,
ଜ୍ୱାଳା ଅସହ୍ୟଟି।"

ଜିଭରେ ପ୍ରବଳ ପୀଡା ହେଉଛି କିଛି ଖାଇ ପାରୁନି। ଆଉ କେବେ ଆସିଲେ ନିଶ୍ଚୟ ଖାଇକିଯିବି। ଏହା କହି ସେ ମେଲାଣି ନେଲା।ପଣ୍ଡା ଙ୍କୁ ଉଠାଇବାର ଅବସର ଆଉ ତାଙ୍କ ପତ୍ନିଙ୍କୁ ମିଳିଲା ନାହିଁ। ସେ ତରବର ହୋଇ ରୋଷେଇ କରିବାରେ ଲାଗି ପଡିଲେ। ଭାବିଲେ ଶୀଘ୍ର ଖାଦ୍ୟ ପ୍ରସ୍ତୁତ କରି ସମସ୍ତଙ୍କୁ ଉଠାଇ ଖାଇବାକୁ ଦେବି।

ରୋଷେଇର ଖୁଟଖାଟ ଶବ୍ଦ ଓ ଖାଦ୍ୟ ବ୍ୟଞ୍ଜନର ମହମହ ବାସ୍ନାରେ ପଣ୍ଡାଙ୍କର ନିଦ୍ରା ଭଙ୍ଗହେଲା। ଏ ସବୁ କାହୁଁ ଆସିଲା ଜାଣିବା ପାଇଁ ସେ କବାଟ ଖୋଲିଲେ। ଯାହା ଦେଖିଲେ ସେଥିରେ ଆଚମ୍ବିତ ହୋଇଗଲେ। ନାନାଦି ଖାଦ୍ୟ ସାମଗ୍ରୀରେ ଘରଟି ପୁରି ଉଠିଛି। ପଣ୍ଡାଙ୍କ ସ୍ତ୍ରୀ ତାଙ୍କ ପାଖକୁ ଆସି ନିଜର ଦୋଷ ପାଇଁ ଲଜ୍ଜ୍ୟା ମିଶ୍ରିତ ହସ ଫୁଟାଇ କହି ଉଠିଲେ," ମୁଁ ଅଜ୍ଞାନ ବଶତଃ ଏତେ ବଡ ଭୁଲ କରି ଦେଲି, ମୋତେ କ୍ଷମା କର। ସତରେ ପ୍ରଭୁଙ୍କୁ ଯିଏ ସମ୍ପୂର୍ଣ ରୁପେ ଆଶ୍ରା କରେ ପ୍ରଭୁ ଯେ କୌଣସି ମାଧ୍ୟମରେ ତାର ଭାର ଗ୍ରହଣ କରନ୍ତି। ତୁମର କେହି ବାଲ୍ୟବନ୍ଧୁ ଏହି ଅଦିନରେ ତୁମ କଥା ଚିନ୍ତା କରି, ଏତେ ଚିଜ ପଠାଇଛନ୍ତି।" ପଣ୍ଡାଏ ଚିନ୍ତା କଲେ ତାଙ୍କରତ କେହି ବାଲ୍ୟବନ୍ଧୁ ଏ ପୁରସ୍ତମ ରେ ଥିବାପରି ମନେ ହେଉ ନାହିଁ। ପଣ୍ଡିତିଆଣୀ ପୁଣି କହିବାକୁ ଲାଗିଲେ, ଯେଉଁ ଭାରୁଆ ପିଲାଟି ଆସିଥିଲା , ତାର ରୁପ ଲାବଣ୍ୟ , କଥା ଚାତୁରୀ ବର୍ଣ୍ଣିବା ପାଇଁ ମୋ ଓଠରେ ଭାଷାନାହିଁ। ଆମ ଘରେ ଖାଇବାକୁ କହି ବାରୁ କହିଲା ..

"ସାରା ଦୁନିଆର ବୋହୁଅଛିଭାର ,
ସର୍ବଦା ଚଞ୍ଚଳ ନାହିଁ ମୋତେ ତର।
ଦେଖ ଗୋ ମାତ,
ଜିହ୍ୱା ମୋର ଯଇଛି କଟି,
ଭୁଞ୍ଜି ନ ପାରଇ ପୀଡା ଅସହ୍ୟଟି।"

ଏଇ କଥା ପଦକରେ ପଣ୍ଡାଙ୍କର ମଥା ଘୁରି ଗଲା। ସେ ଭୂଲୁଣ୍ଠିତ ହୋଇ ସେହି ମାଟିକୁ ବାରମ୍ବାର ମସ୍ତକରେ ଲଗାଇଲେ। ସେହି ପଦରଜକୁ ଚୁମ୍ବିବାକୁ ଲାଗିଲେ। ନୟନରୁ ଧାର ଧାର ହୋଇ ପ୍ରେମାଶ୍ରୁ ଝରି ପଡିଲା। ସେ କହିଲେ ତୁ କେଡେ ପୁ ଣ୍ୟବତୀ , ମହାପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦେଖିଲୁ, ତାଙ୍କ ସହିତ କଥା ହେଲୁ। ମୁଁ ପାମର ତାଙ୍କ ଦର୍ଶନ ପାଇ ପାରିଲି ନାହିଁ। ସେହି ଭାବଗ୍ରାହୀ କଳାଠାକୁର ହିଁ ଭୃତ୍ୟର ମାନ ରକ୍ଷା କରିବାକୁ ଭାର ବୋହି ଆସିଥିଲେ। ତୁ ପରଖି ପାରିଲୁନି। ଏ ଭୃତ୍ୟକୁ ସଖାର ସମ୍ମାନରେ ଭୂଷିତ କରାଇଲେ। ଏହା କହି ନିଜ ପତ୍ନିର ହାତ ଧରି ପାଗଳପରି ଦୌଡି ଦୌଡି ପହଁଞ୍ଚିଲେ ବଡ ଦେଉଳରେ। ଜଗମୋହନରେ ସ୍ୱାଷ୍ଟଙ୍ଗ ପ୍ରଣାମ କରି ପତିପତ୍ନି ଦୁଇଜଣ ଚାହିଁଦେଲେ କଳା ଶ୍ରୀମୁଖଙ୍କୁ।ଅପୂର୍ବ ଶୋଭାରେ ଝଲସି ଉଠୁଛି କଳାଚାନ୍ଦ, କଳା ବଦନ। ଅଧରରେ ଲାଖି ରହିଛି ମୁରୁକି ହସ। କନ୍ତୁ ସେ ରକ୍ତିମା ଅଧରରେ ତିନୋଟି ଗାର ପଡିଯାଇଛି। ଦୁଇ ଜଣଙ୍କ ଚକ୍ଷୁରୁ ଝରି ପଡିଲା ଧାର ଧାର ଅଶ୍ରୁ ରାଶି। ପଣ୍ଡିତିଆଣୀ କେତେ ନିକୁଛାଇ ହୋଇ, ମୁଣ୍ଡପିଟି କ୍ଷମା ପ୍ରାର୍ଥନା କଲେ । ହେ ଚକାଡୋଳା, ହେ କରୁଣାସାଗର , ହେ ମହାବାହୁ କହି କୋଟି କୋଟି ପ୍ରଣାମ ଜଣାଇଲେ। ମହାପ୍ରଭୁ ଯେପରି ମୁରୁକି ହସି ଅଭୟ ଦାନ କରି କହୁଛନ୍ତି

ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।

ଯିଏ କାୟ ମନ ବାକ୍ୟରେ ମୋଠାରେ ସର୍ମପିତ, ମୁଁ ତାକୁ ମୋ ଶରଣରେ ନିଏ। ଦମ୍ପତି ଯୁଗଳ ମହାପ୍ରଭୁଙ୍କ ପାଦ ପଦ୍ମରେ ଭକ୍ତି ଅର୍ଘଢାଳି ଗାଇ ଉଠିଲେ,

ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର,
ଅଟେ ଅନନ୍ତ ଅପାର।

ସୁଚରିତା ମହାକୁଳ
C2/32